ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

Deepanjali Dugal,
Jr. Agrometeorologist

ସପ୍ତାହ ସଂଖ୍ୟା -୪୩

ବୁଲେଟିନ ନମ୍ବର :୮୬
ତାରିଖ : ୨୮.୧୦.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୨୨.୧୦.୨୦୨୫ ରୁ ୨୮.୧୦.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୭.୨ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୩୨.୨-୩୩.୫ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୨.୯-୨୫.୨ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୦୨.୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 29-10-2025 | 35 | 32 | 23 | 6 | 92 | 69 | 12 | 74 |
| 30-10-2025 | 30 | 31 | 22 | 6 | 94 | 79 | 8 | 103 |
| 31-10-2025 | 11 | 31 | 20 | 5 | 96 | 73 | 5 | 123 |
| 01-11-2025 | 8 | 30 | 20 | 5 | 96 | 66 | 1 | 360 |
| 02-11-2025 | 7 | 31 | 21 | 4 | 93 | 67 | 3 | 278 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୨ଦିନ ମଧମ ଧରଣ ବର୍ଷା ଓ ଏହା ପରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଅଛି । ଆକାଶ ଆଂଶିକ ରୁ ସାଧାରଣତଃ ମେଘୁଆ ରହିବ । ଆଗାମୀ ୫ଦିନ ପବନ ୦୧-୧୨ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୦-୩୨ ଡି.ସେ. ମଧରେ ଓ ସର୍ବନିମ୍ନ ତାପମାତ୍ରା ୨୦-୨୩ ଡି.ସେ. ମଧରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୨ ରୁ ୯୬ ପ୍ରତିଶତ ମଧରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୬୬-୭୯ ପ୍ରତିଶତ ମଧରେ ରହିବ ।

**ହଳଦିଆ ଚେତାବନୀ: (ସଚେତନ ରୁହନ୍ତୁ)**

ଆସନ୍ତା ୨୯ ଓ ୩୦ ତାରିଖ ଢେଙ୍କାନାଳ ଜିଲ୍ଲାରେ ଗୋଟିଏ ରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା, ବିଜୁଳି ଘଡଘଡି ସହ ୪୦-୬୦ କିମି ବେଗରେ ଝଟକା ପବନ ବହିବାର ସମ୍ଭାବନା ଅଛି ।

## କୃଷି ସୂଚନା

### ସାଧାରଣ ଉପଦେଶ

- ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଅମଳ ହୋଇଥିବା ଧାନ, ମକା, ମାଣ୍ଡିଆ, ଡାଲି ଜାତୀୟ ଫସଲ ଓ ତୈଳବୀଜ ଜାତୀୟ ଫସଲକୁ ପୋଲିଥିନ ଦ୍ୱାରା ଘୋଡାଇ ସୁରକ୍ଷିତ ଜାଗାରେ ରଖନ୍ତୁ ।
- ରବି ଫସଲ ବୁଣାବୁଣି ଓ ଶୀତ ଦିନିଆ ପନିପରିବା ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ ।
- ଜମିରୁ ଅତ୍ୟଧିକ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।
- ଆମ୍ବ ଓ କଦଳୀ ଗଛରେ ଡେରା ଦିଅନ୍ତୁ ।
- ଅଧିକ ପବନରୁ ରକ୍ଷା କରିବା ପାଇଁ ଛୋଟ ପନିପରିବା ଓ ଫଳ ଗଛରେ ଯାନ୍ତ୍ରିକ ଢିରା ଦିଅନ୍ତୁ ।
- ଗାଈଗୋରୁ ମାନଙ୍କୁ ବାହାରକୁ ଚରିବାକୁ ନଛାଡି ଗୁହାଳରେ ବାନ୍ଧି ସୁରକ୍ଷିତ ରଖନ୍ତୁ ଓ ପରିଷ୍କାର ପାନୀୟ ଜଳ ପିଇବାକୁ ଦିଅନ୍ତୁ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | କ୍ଷୀର ଢୋକିବା ଠାରୁ ପାକଳ ଅବସ୍ଥା | • ବେଙ୍ଗଳା ହୋଇନଥିବା କଟା ଧାନକୁ ପୋଲିଥିନ ଦ୍ୱାରା ଘୋଡାଇ ସୁରକ୍ଷିତ ଜାଗାରେ ରଖନ୍ତୁ ।<br>• ଧାନ ଜମିରୁ ଅତ୍ୟଧିକ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।<br>• କୀଟନାଶକ ଔଷଧ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ। |
| ମକା | ପାକଳ ଅବସ୍ଥା | • ଅମଳ ହୋଇଥିବା ମକାକୁ ପୋଲିଥିନ ଦ୍ୱାରା ଘୋଡାଇ ସୁରକ୍ଷିତ ଜାଗାରେ ରଖନ୍ତୁ ।<br>• ଜମିରୁ ଅତ୍ୟଧିକ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ । |
| ଚିନାବାଦାମ | ପାକଳ | • ଅମଳ ହୋଇଥିବା ଚିନାବାଦାମ ଓ ରାଶି ଫସଲକୁ ପୋଲିଥିନ ଦ୍ୱାରା ଘୋଡାଇ ସୁରକ୍ଷିତ ଜାଗାରେ ରଖନ୍ତୁ |

| | | |
|---|---|---|
| ଓ ରାଶି | ଅବସ୍ଥା | ।<br>• ଜମିରୁ ଅତ୍ୟଧିକ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ । |
| ଆଖୁ | ମୁଖ୍ୟ ଅବିବୃଦ୍ଧି ଅବସ୍ଥା | • ଅଧିକ ପବନରେ ଆଖୁ ଗଛ ନପଡିବା ପାଇଁ ୪ ରୁ ୫ଟି ଗଛର ପତ୍ର ଗୁଡିକୁ ଗୋଟିଏ ସ୍ଥାନରେ ବାନ୍ଧି ରଖନ୍ତୁ ଓ ଡେରା ଦିଅନ୍ତୁ ।<br>• ଜମିରୁ ଅତ୍ୟଧିକ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ । |
| କଦଳୀ ଓ ଅମୃତଭଣ୍ଡା | ଫଳ ଧରିବା ଅବସ୍ଥା | • କଦଳୀ ଓ ଅମୃତଭଣ୍ଡା ଗଛରେ ଡେରା ଦିଅନ୍ତୁ ଏବଂ ଅଧିକ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ । |
| ଗେଣ୍ଡୁ, ଗୋଲାପ ଓ ଗ୍ଲାଡିଓଲସ | ଫୁଲ ଫୁଟିବା ଅବସ୍ଥା | • ଗେଣ୍ଡୁ, ଗୋଲାପ ଓ ଗ୍ଲାଡିଓଲସ ଫୁଲ ବଗିଚାରୁ ଅତ୍ୟଧିକ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ । |
| ପନିପରିବା | ବୁଣା ଠାରୁ ଫୁଲ/ ଫଳ ଧରିବା ଅବସ୍ଥା | • ଶୀତ ଦିନିଆ ପନିପରିବା ବୁଣିବା ଓ ଲଗାଇବା କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ ।<br>• ଜମିରୁ ଅତ୍ୟଧିକ ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା ରଖନ୍ତୁ ।<br>• ପନିପରିବା ତଳିକୁ ଧଳା ପଲିଥିନ (ଜରି) ଦ୍ଵାରା ଆଛାଦନ କରି ରଖନ୍ତୁ, ଯେପରିକି ଏହା ପ୍ରବଳ ବର୍ଷା ଦ୍ଵାରା ପ୍ରଭାବିତ ହେବ ନାହିଁ ।<br>• କଖାରୁ ଜାତୀୟ ପରିବା ଓ ଟମାଟୋ ଗଛରେ ରଞ୍ଜା ଦିଅନ୍ତୁ ।<br>• କୀଟନାଶକ ଔଷଧ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ। |
| ଗାଈଗୋରୁ | • ଗାଈଗୋରୁ ମାନଙ୍କୁ ବାହାରକୁ ଚରିବାକୁ ନଛାଡି ଗୁହାଳରେ ବାନ୍ଧି ସୁରକ୍ଷିତ ରଖନ୍ତୁ ।<br>• ଗାଈଗୋରୁଙ୍କୁ ସନ୍ତୁଳିତ ଗୋଖାଦ୍ୟ ଓ ପରିଷ୍କାର ପାନୀୟ ଜଳ ପିଇବାକୁ ଦିଅନ୍ତୁ ।<br>• ସବୁଜ ଘାସର ଅଭାବ ଦେଖାଦେଲେ ଶୁଖିଲା ନଡା ଖାଇବାକୁ ଦିଅନ୍ତୁ । | |
| ମାଛ ଚାଷ | • ମାଛ ପୋଖରୀରୁ ଅଧିକ ଜଳ ସ୍ତରକୁ ହ୍ରାସ କରନ୍ତୁ ।<br>• ପୋଖରୀରୁ ମାଛ ବାହାରି ନଯିବା ଓ ଅଦରକାରୀ ମାଛଙ୍କ ପ୍ରବେଶ ରୋକିବା ପାଇଁ ପୋଖରୀ ମୁହଁକୁ ବାଉଁଶ କିମ୍ବା ନାଇଲନ ଜାଲି ଦ୍ଵାରା ବନ୍ଦ କରନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)